## ସଂକ୍ଷେପରେ

### ଜଙ୍ଗଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ଗଞ୍ଜାମ,୮।୬(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଗାଁର ନଟବର ତରାଇ ଗତ ପାଞ୍ଚଦିନ ହେବ ନିଖୋଜ ଥିଲେ। ଶନିବାର ଛତ୍ରପୁର ଥାନା ଆର୍ଜିପାଲି ସ୍ଥିତ ଜଙ୍ଗଲରୁ ନଟବରଙ୍କ ମୃତଦେହ ଜବତ ହୋଇଛି। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ନଟବର ସାଙ୍ଗରେ ନେଇଥିବା ଡାଳ ଦୁଇଦିନ ତଳେ ମିଳିଥିଲା। ଗାଁ ନିକଟସ୍ଥ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଜାଣି ପରିବାର ଲୋକ ମୃତଦେହକୁ ଚିହ୍ନଟ କରିଥିଲେ। କୌଣସି ହିଂସ୍ର ଜନ୍ତୁଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ନଟବରଙ୍କ ଶରୀରର ଅଧା ଭାଗ ନ ଥିବା ବେଳେ ଶରୀରର ଖଣ୍ଡ ବିଖଣ୍ଡିତ ମାଂସ ପଡ଼ିଥିବା ଦେଖିବାକୁ ମିଳିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ନଟବର ନିଖୋଜ ନେଇ ତାଙ୍କ ଭ୍ରାଇଁ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ସେ ଗତ ମଙ୍ଗଳବାର ସକାଳେ ଗାଁ ନିକଟସ୍ଥ ଜଙ୍ଗଲକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନଟବର ଘରକୁ ନ ଆସିବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ସୁଦ୍ଧା ନଟବରଙ୍କ କୌଣସି ପତ୍ତା ନ ମିଳିବାରୁ ବାଧ ହୋଇ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ।

### ନଦୀରେ ବୁଡ଼ି ଜଣେ ମୃତ

ପାରଳାଖେମୁଣ୍ଡି, ୮।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ଏନଏସି ଶ୍ରୀରାମ କଲେଜ ନିକଟସ୍ଥ ବଂଶଧାରା ନଦୀରେ ବୁଡ଼ି ଶନିବାର ମଧ୍ୟାହ୍ନରେ ପାସୁପୁ ରେଡ୍ଡୀ ବୁଚି (୪୩) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସାହିର ଲୋକମାନେ ତାଙ୍କୁ ନଦୀ ଘାଟରୁ ଉଦ୍ଧାର କରି ଥାନାରେ ସୂଚନା ଦେଇଥିଲେ। କାଶୀନଗର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। କାଶୀନଗର ଥାନାରେ ଏକ ଅପମୃତ୍ୟୁ ମାମଲା ପଞ୍ଜୀକୃତ ହୋଇଥିବା ଏସଆଇ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

# ବର୍ଷାରେ ବେହାଲ ମାଲକାନଗିରି ସହର

ମାଲକାନଗିରି,୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଶୁକ୍ରବାର ରାତିରେ ପବନ ସହ ବର୍ଷା ହୋଇଥିଲା। ମାତ୍ର କିଛି ସମୟର ବର୍ଷାରେ ଅନେକ ସ୍ଥାନରେ ପାଣି ଜମି ରହିବା ସହ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ୱାର୍ଡ ନମ୍ବର ୧୮ରେ ନିର୍ମାଣ ହୋଇଥିବା ପେଭର ରାସ୍ତାକଡ଼ରେ ନାଳ ନ ଥିବାରୁ ପାଣି ଜମିବାରେ ଲାଗିଛି। ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନ୍ କିମ୍ବା ନାଳ ତିଆରି ହୋଇ ନ ଥିବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି । ସମାନ ରୂପେ ଜିଲା ସଦରରେ ଥିବା ପାତ୍ରଗୁଡା ସାହିରେ ମଧ ପାଣି ଜମି ରହିଛି । ଏଠାରେ ନାଳ ନିର୍ମାଣ କାର୍ଯ୍ୟ କିଛି ସ୍ଥାନରେ ହୋଇଥିଲେ ହେଁ ସାହିରେ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହିପରି ସମସ୍ୟା ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ପାଣି ଜମି ରହିବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ରହିଛି। ପୌର ପରିଷଦ ଏ ଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।


ସହରରେ ଜମି ରହିଥିବା ବର୍ଷାଜଳ ।

ଏ ସମ୍ପର୍କରେ ମାଲକାନଗିରି ପୌର ପରିଷଦ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇନ୍ଦୁମାଧବ ସରକାରଙ୍କୁ ପଚାରିବାରୁ ୱାର୍ଡ ନମ୍ବର ୧୮ରେ ଥିବା ବ୍ୟବସାୟୀମାନେ ନିଜର ଭାରିଯାନ ନେବାକୁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଅନୁରୋଧ କରିଥିଲେ। ତେବେ ସେହି ଅନୁଯାୟୀ ରାସ୍ତା ହେବା ପରେ ନାଳ ନିର୍ମାଣ ପାଇଁ ଉଭୟ ପାର୍ଶ୍ୱରେ ବାସ କରୁଥିବା ଲୋକେ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକମାନେ ଅଧିକ ଜାଗା ଦେଉ ନ ଥିବାରୁ ନାଳ ତିଆରି ହୋଇପାରିନାହିଁ। ଜାଗା ଦେଲେ ନାଳ ନିର୍ମାଣ ସହ ସମସ୍ୟାର ସମାଧାନ ହୋଇପାରିବ ବୋଲି ସରକାର କହିଛନ୍ତି ।

# ସିଡିଏମ୍ଓଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ସୁନାବେଡ଼ା, ୮।୬(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଡ ସୁଧାଂଶୁ କୁମାର ଗିରି ଶନିବାର ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସାଥିରେ ଏଡିପିଏଚ୍ଓ (ଭିବିଡି) ଡ ସୁଶାନ୍ତ କୁମାର ଦାସ ଥିଲେ। ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଯାଞ୍ଚ କରାଯାଇଥିଲା। ଦୁଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅନ୍ତର୍ବିଭାଗ ଓ ବର୍ହିବିଭାଗ ପରିଦର୍ଶନ କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ଦୁଇ ଅଧିକାରୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ବିଏଡିଏ ପ୍ରକାଶ ପତି, ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଜିତ କୁମାର ସୀସା, ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତର, ମହିଳା ପୁରୁଷ ସ୍ୱାସ୍ଥ୍ୟକର୍ମୀ ପୁରୁଷ ପରିଦର୍ଶକ ଓ ଅନ୍ୟ କର୍ମଚାରୀମାନେ ଡାକ୍ତରଖାନାର ବିଭିନ୍ନ ସୂଚନା, ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାରୀମାନେ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସେକ୍ଟର ମିଟିଂରେ ଯୋଗଦେଇ ଉପସ୍ଥିତ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।


ଅଧିକାରୀମାନେ ଡାକ୍ତର ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ଖୁଣ୍ଟ

ମାଲକାନଗିରି,୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ୩୨୬ ଜାତୀୟ ରାଜପଥକୁ ଲାଗି ରହିଥିବା ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ସମ୍ମୁଖରେ ଯାଇଥିବା ୧୧କେଭି ବିଦ୍ୟୁତ୍ ସଂଯୋଗ ହୋଇଥିବା ଗୋଟିଏ ଖୁଣ୍ଟ ଝୁଲି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶୁକ୍ରବାର ହୋଇଥିବା ବର୍ଷା ଯୋଗୁ ପାଣି ପଡ଼ି ଏହି ନିକଟରେ ଥିବା ମାଟି ଦବିଯିବାରୁ ଖୁଣ୍ଟଟି ନଇଁପଡିଛି। ନିକଟରେ ୩୨୬ ଜାତୀୟ ରାଜପଥ ରହିଥିବା ସହ ଇନ୍‌ଡୋର ଷ୍ଟାଡିୟମ ଥିବାରୁ ସବୁ ସମୟରେ ଏଠାରେ ଜନଗହଳି ହେଉଥିବା ବେଳେ ଝୁଲି ରହିଥିବା ଖୁଣ୍ଟକୁ ତୁରନ୍ତ ସଜଡ଼ା ନ ଗଲେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଦୋଷ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ତୁରନ୍ତ ଏହାର ମରାମତି କରିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି ।


ବିପଦ ସଙ୍କୁଳ ବିଦ୍ୟୁତ୍ ଖୁଣ୍ଟି ।

## ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ

ବ୍ରହ୍ମପୁର,୮।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବୃଦ୍ଧାଙ୍କୁ ଘରେ ପଶି ଆକ୍ରମଣ କରାଯାଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ରାଜଲକ୍ଷ୍ମୀ ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗରେ ଦର୍ଶାଯାଇଛି ଯେ, କୃଷ୍ଣ ନଗର ପ୍ରଥମ ଗଳିରେ ରାଜଲକ୍ଷ୍ମୀ ପରିବାର ସହ ରୁହନ୍ତି। ଗତ ୨ ତାରିଖ ଅପରାହ୍ନରେ କେତେଜଣ ମହିଳା ଓ ଜଣେ ପୋଲିସ କନଷ୍ଟେବଲ ଘରକୁ ଆସି ତାଙ୍କ ସହ ଝଗଡା କରିଥିଲେ। ଏପରିକି ସେମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପରେ ସେମାନେ ଧମକ ଦେଇ ଚାଲିଯାଇଥିଲେ। ପୋଲିସ ନଂ. ୨୮୧/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ


ବୈଠକରେ ଆଲୋଚନା କରାଯାଉଛି।

**ପେପର ମିଲ୍ କର୍ତ୍ତୃପକ୍ଷଙ୍କ ସହ ପ୍ରଶାସନର ବୈଠକ**

ଜୟପୁର, ୮।୬ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପେପର ମିଲ୍‌ରେ ଅବସରପ୍ରାପ୍ତ ଶ୍ରମିକମାନଙ୍କ ସମସ୍ୟା ସମାଧାନ ନେଇ ଶନିବାର ଏକ ବୈଠକ କରାଯାଇଛି। ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି, ଜିଲା ଶ୍ରମଧିକାରୀ ବୃନ୍ଦାବନ ସେଠୀ, ପେପର ମିଲ୍ କର୍ତ୍ତୃପକ୍ଷ ସହ କେତେକ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ଦରମା ଆଦି ସମସ୍ୟା ତୁରନ୍ତ ସମାଧାନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ରୀ ପଦ୍ଧତିରେ ଚାଷ, ସ୍ୱଳ୍ପ ପାଣିରେ ଭଲ ଅମଳ

**ଜୈବିକ ପଦ୍ଧତିରେ ଚାଷ କରିବା ନେଇ ପ୍ରଶିକ୍ଷଣ ଶିବିର**

କୋରାପୁଟ,୮।୬(ଅମିତାଭ ବେହେରା)

କୋରାପୁଟସ୍ଥିତ କୋଟସ ସଭାଗୃହଠାରେ ଶନିବାର ଜୈବିକ ପଦ୍ଧତିରେ ଚାଷ କରିବା ନେଇ ପ୍ରଗତୀ ଅନୁଷ୍ଠାନ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଗତୀ ସମ୍ପାଦକ ପ୍ରଭାକର ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଅଂଶୁମାନ ପଟ୍ଟନାୟକ, ସୋମ୍ୟଜିତ ସ୍ୱାଇଁ ଯୋଗଦେଇଥିଲେ। ଜମିରେ ବହୁଳ ପରିମାଣରେ ଜୈବିକ ଖତ ଓ ସାର ବ୍ୟବହାର ଉପରେ ଉପସ୍ଥିତ ଅଧିକାରୀ ଓ ପ୍ରଗତୀର ଟିମ୍ ଲିଡରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ବର୍ତ୍ତମାନ ସମୟରେ ଜମିରେ ରାସାୟନିକ ସାର ପ୍ରୟୋଗ କମାଇବା ନେଇ ବୁଝାଯାଇଥିଲା। ଏଥିସହ ଜମିରେ ବିଭିନ୍ନ ଗଛ ଓ ଫଳରୁ ପ୍ରସ୍ତୁତ ଜୈବିକ ସାର ବ୍ୟବହାର, ଗ୍ରାମାଞ୍ଚଳରେ ଗାଈଖତ ଓ ଜିଆଖତ ବ୍ୟବହାର କଲେ ଅଧିକ ଶସ୍ୟ ଅମଳ ହେବା ସହ ଜମିର ଉର୍ବରତା ବୃଦ୍ଧି ପାଇବ ବୋଲି ବିସ୍ତୃତ ଭାବେ ବୁଝାଯାଇଛି। ଶିବିରରେ ଶ୍ରୀ ପଦ୍ଧତିରେ ଧାନ ଓ ମାଣ୍ଡିଆ ଚାଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ସ୍ୱଳ୍ପ ପାଣିରେ ଜମିରୁ ଉଭୟ ଧାନ ଓ ମାଣ୍ଡିଆ ଅମଳ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ପ୍ରଗତୀ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଲୁନା ପଣ୍ଡା ପରିଚାଳନା କରିଥିଲେ। ପ୍ରଗତିର ସାଗରିକା ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ବାପା

ବ୍ରହ୍ମପୁର,୮।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଏକ ଘରୋଇ ବିଦ୍ୟାଳୟର ମାଲିକ ଅସଦାଚରଣ କରିଥିବା ବଡବଜାର ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ବିଳମ୍ବ ଘଟୁଛି। ତେଣୁ ପୀଡ଼ିତାଙ୍କ ବାପା ଶନିବାର ବ୍ରହ୍ମପୁର ଅତିରିକ୍ତ ଏସପିଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଏକ ଟିମ ଗଠନ କରାଯିବା ବୋଲି ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ଘରୋଇ ବିଦ୍ୟାଳୟ ମାଲିକ ୭ମ ଶ୍ରେଣୀରେ ଜଣେ ଛାତ୍ରୀଙ୍କୁ ବ୍ୟାଡମିଣ୍ଟନ ଶିକ୍ଷା ଦେବାକୁ ଗତବର୍ଷ ଏକ ଘରୋଇ ପ୍ରଶିକ୍ଷଣ କେନ୍ଦ୍ରକୁ ନେଇଥିଲେ । ସେଠାରେ ସେ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ। ସେହିପରି ବିଦ୍ୟାଳୟରେ ମଧ ଅସଦାଚରଣ କରିଥିଲେ ବୋଲି କିଛି ଦିନ ତଳେ ଛାତ୍ରୀଙ୍କ ପରିବାର ପକ୍ଷରୁ ବଡବଜାର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି।

# ଛୁରି ଦେଖାଇ ଲୁଟ ମାମଲାରେ ୨ ଗିରଫ

ଜୟପୁର, ୮।୬(ପବନ ପାଣିଗ୍ରାହୀ)

ଛୁରି ଦେଖାଇ ଲୁଟ ମାମଲାରେ ୨ ଜଣଙ୍କୁ ଜୟପୁର ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜୟପୁର ନୁଆସାହି ତୃତୀୟ ଲେନ୍‌ର ଶ୍ରୀକାନ୍ତ ବାଘ (୨୦) ଓ ପେପର ମିଲ୍ ଛକ ବମ୍ବେ କୋଲନୀର ସନ୍ତୋଷ ଦଳେଇ (୨୦)।

ପୋଲିସ ସୂଚନାନୁଯାୟୀ ଗତ ୩ ତାରିଖ ରାତି ପ୍ରାୟ ୧୦ଟା ୩୦ରେ ଡ୍ରାଇଭର ସଞ୍ଜୟ କୁମାର ମହାନ୍ତି ଓ କାହ୍ନୁଚରଣ ମହାରଣା ସାଗରଗୁଡ଼ାରୁ ଗୋବ୍ରା ଗ୍ରାମକୁ ପିକ୍‌ଅପରେ ପୂଜା ସାମଗ୍ରୀ ଧରି ଆସୁଥିଲେ। ସେହି ସମୟରେ ପେପର ମିଲ୍ ଛକ ନିକଟରେ ୪ଜଣ ଅଭିଯୁକ୍ତ ଗାଡ଼ିକୁ ଅଟକାଇ ଛୁରି ଦେଖାଇ ମୋବାଇଲ, ୭ ହଜାର ଟଙ୍କା ଲୁଟ୍ କରାଯାଇଥିବା ନେଇ ପିକ୍‌ଅପ୍ ମାଲିକ ଗଞ୍ଜାମର ସତ୍ୟ ନାରାୟଣ ମହାରଣା ୭ ତାରିଖରେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୯୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ସେମାନଙ୍କୁ ଗିରଫ କରିବା ସହ ମୋବାଇଲ ଓ ଲୁଟ୍‌ରେ ବ୍ୟବହାର କରାଯାଇଥିବା ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଶ୍ମଶାନରୁ ଗଳିତ ମୃତଦେହ ଜବତ

ଜୟପୁର, ୮।୬(ପବନ ପାଣିଗ୍ରାହୀ)

- ମୃତକଙ୍କ ପରିଚୟ ମିଳିପାରିନାହିଁ
- ଘଟଣାସ୍ଥଳରେ ତଦନ୍ତ କରୁଛି

ଜୟପୁର ସହର ପୁରୁଣାଗଡ଼ ଶଶ୍ମାନରୁ ଜୟପୁର ଟାଉନ ପୋଲିସ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। କାଉନସିଲର ଧାନିମା ହରିଜନଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ କି ମୃତ୍ୟୁର କାରଣ ମଧ ଜଣା ପଡିନାହିଁ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ମୃତଦେହ ଜବତ କରିଛି। ମୃତଦେହଟି ପଚିଶଢ଼ି ଯାଇଥିବାବେଳେ ସେଥିରେ ପୋକ ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।


ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରୁଛନ୍ତି।

# ଜବତହେଲା ୨୫ଖଣ୍ଡ ଶାଗୁଆନ ଦଣ୍ଡା

ବାଲିମେଲା,୮।୬(ଶିବଦତ୍ତ ସାହୁ)

- ଡୁମୁରିପଦର ଜଙ୍ଗଲରୁ ଶାଗୁଆନ ଗଛ ଚୋରି ଘଟଣା
- ତଦନ୍ତ ସରିବା ପରେ ଦିଆଯିବ ରିପୋର୍ଟ,
- ଆଗକୁ ଚଢ଼ାଉ ଜାରି ରହିବ: ଡିଏଫ୍ଓ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଡୁମୁରିପଦର ଗ୍ରାମକୁ ଯିବା ମୁଖ୍ୟରାସ୍ତା ପାର୍ଶ୍ୱ ଜଙ୍ଗଲରୁ ଗତ କିଛିଦିନ ତଳେ ବହୁ ପୁରାତନ ଶାଗୁଆନ ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଗଛ କାଟି ଚୋରମାନେ ନେଇଯାଇଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାଲକାନଗିରି, ମାଥିଲି ଏବଂ ବାଲିମେଲା ବନ ବିଭାଗର ମିଳିତ ଉଦ୍ୟମରେ ଶନିବାର ଏକ ସ୍ୱତନ୍ତ୍ର ଟିମ୍ ଡୁମୁରିପଦର ଜଙ୍ଗଲରେ ଚଢ଼ାଉ କରିଥିଲେ। ସେଠାରୁ କଟାଯାଇଥିବା ୨୫ ଖଣ୍ଡ ତଥା ୦.୫ -୩୪ କ୍ୟୁବିକ ଶାଗୁଆନ ଦଣ୍ଡା ଜବତ କରାଯାଇଥିଲା। ଚଢ଼ାଉରେ ଓର୍କେଲ ଥାନାର ଏକ ଟିମ୍ ସହ ମାଲକାନଗିରି ଫରେଷ୍ଟର ରବି ନାରାୟଣ ଖଣ୍ଟୁଆଳ, ବାଲିମେଲା ଫରେଷ୍ଟରଙ୍କ ସମେତ ପ୍ରାୟ ୨୦ ଜଣ ପାରା ଷ୍ଟାଫ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବେଆଇନ କାଠ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋମବାର ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ମାଲକାନଗିରି ଦାୟିତ୍ୱରେ ଥିବା ଡିଏଫ୍ଓ ପ୍ରତାପ ବେହେରା କହିଛନ୍ତି ।



ଜବତ ଦଣ୍ଡାକୁ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଉଛି ।

ପ୍ରକାଶ ଯେ, ଘଟଣା ସମ୍ପର୍କରେ ଗତ ୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ହେଲେ ଖବର ପ୍ରକାଶ ପାଇବାର ୪ ଦିନ ବିତିଯାଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଘଟଣା ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଦାୟିତ୍ୱରେ ଥିବା ଡିଏଫ୍ଓ ବେହେରାଙ୍କୁ ଅବଗତ କରାଯାଇଥିଲା ।

# ମଣ୍ଡି ପରିଚାଳନା ନାଁରେ ବାର୍ଷିକ ୫୦ ଲକ୍ଷ ହଡ଼ପ ଅଭିଯୋଗ

■ ପାଳନ ହେଉନି ସରକାରଙ୍କ ନିୟମାବଳୀ
■ ମିଲର, ଅଫିସରଙ୍କ ବୁଝାମଣା ଭିତ୍ତିରେ ଚାଲିଛି ଲୁଟ

ରାୟଗଡ଼ା,୮।୬(ଆଶିଷ ରଞ୍ଜନ ପଣ୍ଡା)



ଚାଷୀଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଧାନମଣ୍ଡି ବ୍ୟବସ୍ଥା କରାଯାଇଛି। ରାୟଗଡ଼ା ଜିଲାରେ ମଣ୍ଡି ପରିଚାଳନା ନାମରେ ମିଲର ଓ ଅଫିସରଙ୍କ ବୁଝାମଣା ଭିତ୍ତିରେ ଚାଲିଛି ହରିଲୁଟ୍। ଉଭୟ ଖରିଫ ଓ ରବି ଋତୁରେ ଧାନମଣ୍ଡି ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଟଙ୍କା ଜିଲାସ୍ତରୀୟ ଅଫିସରଙ୍କ ମାଧ୍ୟମରେ ହଡ଼ପ ହେଉଛି । ମିଳିଥିବା ତଥ୍ୟ ଅନୁସାରେ ବାର୍ଷିକ ୫୦ ଲକ୍ଷ ଟଙ୍କା ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ନ ଥିବାରୁ ମିଲର୍ସ ଏବଂ ଅଫିସର ମାଲାମାଲ ହେଉଥିବାବେଳେ ଚାଷୀ ସମସ୍ୟା ଭୋଗୁଥିବା ନେଇ ଅଭିଯୋଗ ହେଉଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ପୂର୍ବରୁ ମଣ୍ଡି ପରିଚାଳନା ଦାୟିତ୍ୱ ସମବାୟ ବିଭାଗ ହାତରେ ଥିଲା। ହେଲେ ସରକାର ଗତ ୨ବର୍ଷ ହେବ ମିଲରଙ୍କ ହାତରେ ଏହି ଦାୟିତ୍ୱ ଟେକିଦେଇଛନ୍ତି। ଚଳିତ ବର୍ଷ ଖରିଫଋତୁରେ ୯ ଲକ୍ଷ ୩୬ ହଜାର ୭୧୨.୭୯ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣାଯାଇଛି । କୁଇଣ୍ଟାଲ ପିଛା ୫.୬୭ ଟଙ୍କା ମଣ୍ଡି ପରିଚାଳନା ପାଇଁ ମିଲରଙ୍କୁ ପ୍ରଦାନ କରାଯାଇଛି । ସେହି ହିସାବରେ ୫୩ ଲକ୍ଷ ୧୧ ହଜାର ୧୬୧ ଟଙ୍କା ପ୍ରଦାନ ହୋଇଛି । ସେହିପରି ରବି ଋତୁ ମଣ୍ଡି ଏବେ ମଧ୍ୟ ଚାଲିଥିବାରୁ ତାହାର ହିସାବ ହୋଇନାହିଁ । ତେବେ ନିୟମାନୁସାରେ ମଣ୍ଡିକୁ ଧାନ ଚାଷୀ ନେବା ପରେ ସମସ୍ତ ଦାୟିତ୍ୱ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଓ ମିଲର ତୁଲାଇଥାନ୍ତି । କିନ୍ତୁ ଜିଲାର କୌଣସି ଗୋଟିଏ ମଧ୍ୟ ମଣ୍ଡିରେ ଚାଷୀ ସୁବିଧାରେ ଧାନ ବିକ୍ରି କରିବା ଭଳି ଖବର ହସ୍ତଗତ ହୋଇନାହିଁ । ମଣ୍ଡିରେ ଚାଷୀ ଧାନ ଢାଳିବା ପରେ ବଳକା ସମସ୍ତ ଦାୟିତ୍ୱ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ମିଲର ତୁଲାଇଥାନ୍ତି । ମିଲରମାନେ ମଣ୍ଡିରେ ଢଳାଯାଇଥିବା ଧାନକୁ ନିଜ ଅଖାରେ ଭର୍ତ୍ତିକରିବା ସହ ଓଜନ କରି ଚାଷୀଙ୍କୁ ସୂଚନା ପ୍ରଦାନ କରିବେ। ଚାଷୀ ନିଜ ମୋବାଇଲରେ ମେସେଜ ପାଇବା ପରେ ମିଲର ଧାନକୁ ନେଇ ଅଖାରେ ଭର୍ତ୍ତିକରି ସିଲେଇ କରିବା ସହ ଥାକ ମାରିବେ । ତେବେ ଏଥିରୁ ଗୋଟିଏ ମଧ୍ୟ ନିୟମ ମଣ୍ଡିରେ ପାଳନ ହେଉ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ମଣ୍ଡିକୁ ଧାନ ଆସିବା ବଦଳରେ ସିଧାସଳଖ ଯାଇଥାଏ ମିଲ୍‌କୁ । ଚାଷୀ ମଣ୍ଡିକୁ ଆସି ଜଣାଇଲେ କେବଳ ମୋବାଇଲକୁ ମେସେଜ ହିଁ ଆସିଥାଏ । କେତେଜଣ ସିଧାସଳଖ ମଣ୍ଡିକୁ ଆସି ସମସ୍ତ ନିୟମ ପ୍ରକାରେ ଧାନ ବିକ୍ରି କରିଛନ୍ତି, ତାର ତଦନ୍ତ କରାଗଲେ ସମସ୍ତ କଥା ଲୋକଲୋଚନକୁ ଆସିବ ବୋଲି ସ୍ୱେଚ୍ଛାସେବୀମାନେ ଦାବି କରିଛନ୍ତି। ଏଭଳିକି ମଣ୍ଡିରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି। ମଣ୍ଡିରେ ଏଭଳି ଅବ୍ୟବସ୍ଥା ଯୋଗୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଗଲେ ଆହୁରି ଅନେକ ରୋଚକ କଥା ଜଣାପଡିବ ବୋଲି କୃଷକ ନେତାମାନ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଛନ୍ତି, ଏହା ଏକ ପ୍ରକାର ବୁଝାମଣା ଭିତ୍ତିରେ ଚାଲିଛି । ଠିକ୍ ଭାବରେ ମଣ୍ଡି ପରିଚାଳନା ହେଉନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି । କିନ୍ତୁ କେତେଜଣ ଚାଷୀ ଉପକୃତ ହେଉଥିବା ସୂଚନା ଦେଇଛନ୍ତି ।

# ପୋକ୍‌ସୋ ଆକ୍ଟ ସମ୍ପର୍କିତ ଆଇନ ସଚେତନତା



କାର୍ଯ୍ୟକ୍ରମରେ ଅତିଥିମାନେ ଆଇନର ବିଭିନ୍ନ ଦିଗ ଉପରେ ସୂଚନା ଦେଉଛନ୍ତି।

ଚନ୍ଦ୍ରପୁର, ୮।୬ (ବିଜୟ ପ୍ରସାଦ ଉଲାକା)

ବିଷମକଟକ ତାଲୁକ ଆଇନ ସେବା କମିଟି ତରଫରୁ ଶନିବାର ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୋକ୍ସୋ ଆକ୍ଟ ଏବଂ ଜେ.ଜେ. (ସିପିସି) ଆକ୍ଟ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ତାଲୁକ ଆଇନ ସେବା କମିଟିର ଅଧକ୍ଷା ତଥା ବିଷମକଟକ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ଅରୁନ୍ଧତୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଶିଶୁ ବିକାଶ ଅଧିକାରୀ ଗୀତାଞ୍ଜଳୀ ସାହୁ ଏବଂ ବିଷମକଟକ ବାର୍ ଆସୋସିଏଶନର ବରିଷ୍ଠ ଅଧିବକ୍ତା ରାଧାରମଣ ଦାସ ଏବଂ ଲିଗାଲ ଏଡ୍ ରିଟେନର ମନମୋହନ ପାତ୍ର ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ତଥା ବାଳିକା ବାଳକଙ୍କୁ ଯୌନ ନିର୍ଯାତନାରୁ କିପରି ସୁରକ୍ଷା ଦେଇ ହେବ ତଥା ତତ୍ ସମ୍ପର୍କିତ ସରକାରଙ୍କ ଆଇନ ଏବଂ କ୍ଷତିପୂରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ତଥା ଅଙ୍ଗନୱାଡି କର୍ମୀ ଯୋଗଦାନ କରିଥିଲେ ।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

ଆସିକା,୮।୬(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ସିଦ୍ଧନୟୀ-ଅତରଙ୍ଗ ରାସ୍ତାର ପଥରକୁଆଁରି ସଂଲଗ୍ନ ଚାଷଜମିରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୫୦ରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏ ନେଇ ନଂ.୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। କେତେଜଣ ଗ୍ରାମବାସୀଙ୍କ କହିବା ପ୍ରକାରେ ମହିଳା ଜଣକ ଗତ କିଛି ଦିନ ହେଲା ସିଦ୍ଧନୟୀ ଓ ଆଖପାଖ ଅଞ୍ଚଳରେ ବୁଲୁଥିଲେ । ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସ୍ପଷ୍ଟ ହୋଇନାହିଁ ।

### ବରଗଛ ଡାଳ ଭାଙ୍ଗି ବାଇକ୍ ଆରୋହୀ ଗୁରୁତର

ଖଲ୍ଲିକୋଟ,୮।୬(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଘଟିଛି ଅଘଟଣ। ରାସ୍ତା କଡ଼ରେ ଥିବା ଶୁଖିଲା ପୁରୁଣା ବରଗଛର ଏକ ବିରାଟ ଡ଼ାଳ ଭାଙ୍ଗି ପଡିବାରୁ ସେହି ରାସ୍ତା ଦେଇ ଯାଉଥିବା ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଓଡ଼ିଆ ଆଲପୁର ଗ୍ରାମର ରାଜମିସ୍ତ୍ରୀ କୃଷ୍ଣ ତରେଇ ଚିକିଲି ଗ୍ରାମରେ କାମ ଶେଷ କରି ଶନିବାର ସନ୍ଧ୍ୟାରେ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ମୁକୁନ୍ଦପୁର ଛକରେ ଥିବା ପୁରୁଣା ବରଗଛର ଏକ ବିରାଟ ଡ଼ାଳ ହଠାତ ଭାଙ୍ଗିଯାଇ ତାଙ୍କ ଉପରେ ପଡିଯାଇଥିଲା। ଫଳରେ କୃଷ୍ଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି।

# ବିପଦସଙ୍କୁଳ ଜଳପ୍ରପାତ ପରିଦର୍ଶନ କଲେ ବିଧାୟକ


ବିଷମ କଟକ ବିଧାୟକ ନୀଳମାଧବ ହିକକାଙ୍କ ଗଦଗଦା ଜଳପ୍ରପାତ ଅଞ୍ଚଳ ବୁଲି ଦେଖୁଛନ୍ତି।

ବିଷମ କଟକ, ୮।୬(ପ୍ରସନ୍ନ କୁମାର ପଣ୍ଡା)

ନିୟମଗିରିର ଉପର ଗଦଗଦା ଜଳପ୍ରପାତରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣା ପରେ ଶନିବାର ନବ ନିର୍ବାଚିତ ବିଷମ କଟକ ବିଧାୟକ ନୀଳମାଧବ ହିକକା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଜଳପ୍ରପାତଟି ୩୦ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ରହିଥିବାରୁ ସେଠାରେ ଗାଧୋଉଥିବା ଲୋକଙ୍କୁ ବିଧାୟକ ବାରଣ କରିଛନ୍ତି। ଏଥିସହିତ ଏହି ବିପଦସଙ୍କୁଳ ଜଳପ୍ରପାତର ସୁରକ୍ଷା ପ୍ରତି ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ବିଧାୟକ ହିକକା କହିଛନ୍ତି। ଜଳପ୍ରପାତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା ସହ ସୁରକ୍ଷା ବାଡ ଘେରିବା ନିମନ୍ତେ ରାୟଗଡା ଜିଲାପାଳଙ୍କ ସହ ଆଲୋଚନା କରି ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଅନୁରୋଧ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ ପଟ୍ଟନାୟକ , ଛାତ୍ର କଂଗ୍ରେସର ସଭାପତି ନିଖିଳ ପଟ୍ଟନାୟକ, ରାମୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ ଘଟଣା**

ସୂଚନାଯୋଗ୍ୟ, ଗୁଣପୁର ଅଞ୍ଚଳର ପୋଲିସ କନ୍‌ଷ୍ଟେବଲ ସଂଶୟ ମିଶ୍ରଙ୍କ ପୁଅ ସରୋଜ ମିଶ୍ର ଶୁକ୍ରବାର ବିଷମକଟକ ଖାଲସାହିସ୍ଥିତ ନିଜ ମାମୁଘରକୁ ବୁଲିବାକୁ ଆସିଥିଲେ। ପ୍ରବଳ ଗରମ ଯୋଗୁ ସାଙ୍ଗମାନଙ୍କ ସହ ମିଶି କୁର୍ଲୀ ପଞ୍ଚାୟତ ନିୟମଗିରି ଅଧୀନରେ ଥିବା ଗଦଗଦା ଜଳପ୍ରପାତକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ଏବଂ ବିଷମକଟକ ପୋଲିସ ଦୀର୍ଘ ୬ ଘଣ୍ଟା ପରେ ସରୋଜଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ।

### ୧୦ ଭରି ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୮।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଖୋଡାସିଂ ହନୁମାନ ନଗରରେ ରହୁଥିବା ଜଣେ ମହିଳାଙ୍କ ଘରୁ ୧୦ ଭରି ସୁନା ଅଳଙ୍କାର ଚୋରି ହୋଇଛି । ଏହି ଚୋରି ପଛରେ ଘରକୁ କାମ କରିବାକୁ ଆସୁଥିବା ପରିଚାରିକାଙ୍କ ହାତ ରହିଛି ବୋଲି ଅଭିଯୋଗ ହୋଇଛି । ଖୋଡାସିଂରେ ରହୁଥିବା ସୁଜତା ଗନ୍ତାୟତ ସାବିତ୍ରୀ ବ୍ରତ ଅବସରରେ ପୂଜା ପାଇଁ ମନ୍ଦିରକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗହଣା ପିନ୍ଧିବା ପାଇଁ ଆଲମିରା ଖୋଲିଥିଲେ । ହେଲେ ଆଲମିରାରେ ରଖିଥିବା ପ୍ରାୟ ୧୦ ଭରି ଓଜନର ସୁନା ଅଳଙ୍କାର ଗାଏବ ହୋଇଯାଇଥିବା ଜାଣି ସୁଜତା ଆଶ୍ଚର୍ଯ୍ୟ ହୋଇଥିଲେ। ମନ୍ଦିରରୁ ଫେରି ଘରର ଏଣେତେଣେ ଖୋଜାଖୋଜି କରିଥିଲେ ବି ସୁନା ଗହଣା ମିଳି ନ ଥିଲା। ୨ଦିନ ତଳେ ସୁଜତାଙ୍କ ଘରକୁ କାର୍ଯ୍ୟ କରୁଥିବା ଆସିଥିବା ପରିଚାରିକା ଜଣକ ବେଡ଼ରୁମ ସଫେଇ କରୁଥିଲେ। ସେ ସମୟରେ ସୁଜତା ଆଲମିରା ଖୋଲି କିଛି ସମୟ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ପରିଚାରିକା ଜଣଙ୍କ ସେଥିରେ ଥିବା ସମସ୍ତ ସୁନା ଅଳଙ୍କାର ଚୋରି କରିଥିବା ସୁଜାତା ସନ୍ଦେହ କରୁଛନ୍ତି । ଘଟଣାକୁ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ନିଟ୍ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ଗୁଣପୁର, ୮।୬ (ପ୍ରଦୀପ କୁମାର ପାଢ଼ୀ)

ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ୍)ରେ ରାୟଗଡା ଜିଲା ଗୁଣପୁରସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସଫଳତା ଅର୍ଜନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଓମ୍ ବାଲାଜୀ ପାଢ଼ୀ, କଲ୍ୟାଣୀ ଗୌଡ଼, ଅଭିନବ ଯୋଶୀ, ଉଦିତ୍ କୁମାର ଶବର, ଚାରୁସ୍ମିତା ସାହୁ, ଅର୍ପିତା ପଣ୍ଡା, ଆଁଚଲ ହୋତା, ମଧୁସ୍ମିତା ଖରା, ଆଦ୍ୟାଂଶ ରଞ୍ଜନ ପାତ୍ର, କେରୋଲିନ ମହାନ୍ତି, ବିଦ୍ୟାଶ୍ରୀ ଚୌଧୁରୀ, ସୋମ୍ୟାଶ୍ରୀ ମହାନ୍ତି ଓ ବିଶ୍ୱଜିତ ଦାଶ ନିଟ୍-୨୦୨୪ରେ କୃତକାର୍ଯ୍ୟ ହୋଇଛନ୍ତି। ଗାନ୍ଧୀ ପବ୍ଲିକ ସ୍କୁଲର ଉନ୍ନତ କୋଚିଂ, ସର୍ବ ଭାରତୀୟ ପରୀକ୍ଷା ପ୍ରସ୍ତୁତି ତଥା ଉଭୟ ଅନ ଲାଇନ, ଅଫ ଲାଇନ ମାଧ୍ୟମରେ ମକ ଟେଷ୍ଟ , ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ଏବଂ ଉତ୍ତମ ଶିକ୍ଷାଦାନ ପାଇଁ ପ୍ରତି ବର୍ଷ ଛାତ୍ରୀଛାତ୍ର ଜାତୀୟସ୍ତରୀୟ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ କରିଥାନ୍ତି । ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା, ପ୍ରଭାରୀ ଡ. ପ୍ରିୟବ୍ରତ ମହାପାତ୍ର, ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ଅଲିଭ୍‌ରିଡ୍‌ଲେ ଗଣ ଅଣ୍ଡାଦାନ ସ୍ଥଳ କ୍ଷତିଗ୍ରସ୍ତ



ଗଞ୍ଜାମ, ୮।୬(ବିଦ୍ୟାଧର ସାହୁ):

ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ବେଳାଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ସାମୁଦ୍ରିକ ଝଡ଼ 'ରେମାଲ' ସୃଷ୍ଟି ହେବାଠାରୁ ସ୍ଥାନୀୟ ଅଞ୍ଚଳରେ ସମୁଦ୍ର ଅଶାନ୍ତ ରହୁଥିବା ଲକ୍ଷ୍ୟ କରାଯାଇଛି । ତେଣୁ ଉଚ୍ଚ ଲହଡି ମାଡ଼ ହେବା ଫଳରେ ଋଷିକୁଲ୍ୟା ବେଳାଭୂମି ସାମୁଦ୍ରିକ କଇଁଚ ଅଲିଭ୍ ରିଡଲେଙ୍କ ବିସ୍ତିର୍ଣ୍ଣ ଗଣ ଅଣ୍ଡାଦାନ ସ୍ଥଳ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ଭୌଗୋଳିକ ପରିବେଶ ପରିବର୍ତ୍ତନ ହୋଇଛି। ବିଶେଷକରି ଗଞ୍ଜାମ ବ୍ଲକର ଗୋଖରକୁଡ଼ାଠାରୁ ପ୍ରୟାଗି ମଧ୍ୟରେ ରହିଥିବା ଝାଉଁ ଓ କାଜୁ ଗଛଗୁଡିକ ଭୁଶୁଡି ପଡିଛି। ଅନ୍ୟପଟେ ଆୟର୍ଲ୍ୟାଣ୍ଡରେ ବର୍ତ୍ତମାନ ତିନୋଟି ମୁହାଁଣ ରହିଥିବା ଲକ୍ଷ୍ୟ କରାଯାଇଛି। ସେହିପରି ସାମୁଦ୍ରିକ କଇଁଚଙ୍କ ଗଣ ଅଣ୍ଡାଦାନ ବିସ୍ତିର୍ଣ୍ଣ ବେଳାଭୂମି ସମୁଦ୍ର ଆଁ ମଧ୍ୟରେ ଲୀନ ହୋଇଯାଇଥିବା ସ୍ଥାନୀୟ ଅଞ୍ଚଳର ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି । ଦିନକୁ ଦିନ ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଏଥିପାଇଁ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ପରିବେଶବିତ ମତବ୍ୟକ୍ତ କରିଛନ୍ତି ।

# ଭାଜପା ସହ ୧୦ ପ୍ରାର୍ଥୀ ହରାଇଲେ ଅମାନତ

ଗୁଣପୁର,୮।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିପୁଳ ସଂଖ୍ୟାରେ ବାଜିମାତ କରିଛି। ବିଜେଡି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଭାଜପା ୩ୟ ସ୍ଥାନରେ ରହିଛି। କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ୭୭,୬୩୭ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ୪୭,୭୫୨ ଏବଂ ଭାଜପା ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ୨୧,୮୦୮ ଭୋଟ ପାଇଛନ୍ତି। ଚଳିତ ନିର୍ବାଚନରେ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଭାଜପାକୁ ମିଶାଇ ୧୦ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି।

ଗୁଣପୁର ନିର୍ବାଚନମଣ୍ଡଳୀରେ ମୋଟ ମତଦାନ ୧,୬୨,୪୧୦ର ୬ ଭାଗରୁ ଭାଗେ ୨୭,୦୬୮ ଭୋଟ ପାଇ ନ ଥିବାରୁ ୧୦ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି। ଭାଜପାର ତ୍ରିନାଥ ଗମାଙ୍ଗ ୨୧,୮୦୮ ଭୋଟ ପାଇ ଅମାନତ ହରାଇଛନ୍ତି। ତ୍ରିନାଥ ପୂର୍ବରୁ ବିଧାୟକ ଥିବା ଏବଂ ୨୦୧୯ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ୨୬,୩୨୧ ଭୋଟ ପାଇଥିଲେ ମଧ୍ୟ ଚଳିତ ଥର ସେ ବହୁତ କମ୍ ଭୋଟ ପାଇଛନ୍ତି। ଗୋଟିଏ ଥର ବିଧାୟକ ଥିବା ଏବଂ ଥରେ ଅଧିକ ସଂଖ୍ୟାରେ ଭୋଟ ପାଇଥିବାରୁ ଭାଜପା ତ୍ରିନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ସେପରି କିଛି ହେଲା ନାହିଁ । ସେ ସ୍ୱାଧୀନ ଭାବେ ଲଢ଼ି ଯେତିକି ଭୋଟ ପାଇଥିଲେ ସେତିକି ଭୋଟ ଗୋଟିଏ ଜାତୀୟ ଦଳରେ ପ୍ରାର୍ଥୀ ହୋଇ ନ ପାଇ ଅମାନତ ହରାଇଛନ୍ତି। ଅନ୍ୟ ୯ ଜଣ ପ୍ରାର୍ଥୀ ନୋଟାରେ ଯେତିକି ଭୋଟ ପଡିଛି, ତା'ଠାରୁ ମଧ୍ୟ କମ୍ ଭୋଟ ପାଇଥିବା ଦେଖିବାକୁ ମିଳିଛି। ସିପିଆଇଏମ୍ଏଲ୍

**ଗୁଣପୁର ନିର୍ବାଚନମଣ୍ଡଳୀ**

ଲିବରେଶନର ଅନାସିମ ଶବର ୨୩୩୧ ଭୋଟ ପାଇଛନ୍ତି । ସେହିପରି କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଭାସ୍କର ଜାଗରଙ୍ଗା, ଯିଏ ବିଧାୟକ ପାଇଁ ଆଶାୟୀ ଥିଲେ ସେ ସ୍ୱାଧୀନ ଭାବେ ଲଢି ମାତ୍ର ୨୧୦୧ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କୁ ରଘୁ ପାତ୍ର, ବିଜୟ ଗମାଙ୍ଗଙ୍କ ଭଳି ପୁରୁଖା ନେତାମାନେ ସମର୍ଥନ କରୁଥିଲେ ମଧ୍ୟ ସେ ତାଙ୍କର ଅମାନତ ହରାଇଛନ୍ତି। ସେହିପରି ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ଗ୍ରାମ ଏମ୍‌କେ ରାଇରୁ ରଶ୍ମିତା ଶବର ସ୍ୱାଧୀନ ଭାବେ ଲଢି ୧୫୮୮ ଭୋଟ ପାଇଛନ୍ତି। ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୧୫୦୦ ଭୋଟ ପାଇଛନ୍ତି। ରବି ଶଙ୍କର ଭାଜପାରୁ ନିଜର ରାଜନୈତିକ ଜୀବନ ଆରମ୍ଭକରି ପରେ କଂଗ୍ରେସ ଏବଂ ବର୍ତ୍ତମାନ ସ୍ୱାଧୀନ ଭାବେ ଲଢି ଅମାନତ ହରାଇଛନ୍ତି। ବହୁଜନ ସମାଜବାଦୀ ପାର୍ଟିର ଶିବରାମ ମାମ୍ଦଲକା ୧୧୪୯ ଭୋଟ ପାଇଥିବାବେଳେ ଯୁବନେତା ଫାଲ୍‌ଗୁନୀ ଶବର ଭାଜପା, କଂଗ୍ରେସ ସହ ଅନ୍ୟ ଦଳକୁ ଯାଇ ଶେଷରେ ସ୍ୱାଧୀନ ଭାବେ ଲଢି ୧୦୫୬ ଭୋଟ ପାଇଛନ୍ତି। ସେହିଭଳି ଜାତୀୟ ଆପ୍ନି ପାର୍ଟିର କରୁଣାକର ଶବର ୮୪୫, ସ୍ୱାଧୀନ ପ୍ରାର୍ଥୀ ନାଗଭୂଷଣ ମାଣ୍ଡାଙ୍ଗି ୭୯୫ ଏବଂ ନବଭାରତ ନିର୍ମାଣ ସେବା ପାର୍ଟିର ପୂର୍ଣ୍ଣଚନ୍ଦ୍ର ଶବର ୫୮୩ ଭୋଟ ପାଇଛନ୍ତି। ତେବେ ୩ ଜଣ ପ୍ରାର୍ଥୀ ୪ ଅଙ୍କ ନ ଡେଇଁ ଅମାନତ ହରାଇଛନ୍ତି। ନୋଟାରେ ୩୨୦୫ ଭୋଟ ପଡ଼ିଛି। ଅମାନତ ହରାଇଥିବା ୯ ଜଣ ପ୍ରାର୍ଥୀ ନୋଟାରେ ଯେତିକି ଭୋଟ ପଡ଼ିଛି, ତା'ଠାରୁ ମଧ୍ୟ ସେମାନେ କମ୍ ଭୋଟ ପାଇଛନ୍ତି।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୁଣପୁର,୮।୬(ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲା ଗୁଣପୁରର ସ୍ଥାନୀୟ ପୁରୁଣା ଗୁଣପୁର ଗୁଣ୍ଡିଚା ମନ୍ଦିରଠାରେ ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାନ ଭାଇନା ଡ୍ୟାନ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୩ଟି ଦଳ ଭାଗ ନେଇଥିବାବେଳେ ଏହା ଆସନ୍ତା ୧୦ ତାରିଖ ଯାଏଁ ଚାଲିବ ବୋଲି ଜଣାପଡ଼ିଛି। ଟୁର୍ନାମେଣ୍ଟକୁ ତିରୁପତି ଶବର, ମୁନା ଶବର, ରାନୁ ଶବର, ଜଗଦିଶ ଶବର ପ୍ରମୁଖ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଜିତୁ ନାୟକ, ଟୁନୁ ପଟ୍ଟନାୟକ, କେ. କିରଣ, ଜଗଦିଶ ପଣ୍ଡା, ପିଣ୍ଟୁ ଗୌଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଶିବ ଗୌଡ଼ ଉଦ୍‌ବୋଧନ ଦେଉଛନ୍ତି।

# ୨୦୧୯ରେ ସ୍ୱାଧୀନ, ଏଥର କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟରଙ୍କ ସମର୍ଥନ

**ରାୟଗଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ବିଜେଡିକୁ ପ୍ରତ୍ୟାଖ୍ୟାନ**

ରାୟଗଡ଼ା,୮।୬(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ସାଧାରଣ ନିର୍ବାଚନରେ ଭାଜପାକୁ ବିପୁଳ ଜନସମର୍ଥନ ମିଳିଥିବାରୁ ପ୍ରଥମ ଥର ପାଇଁ ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ତେବେ କୋରାପୁଟ ଲୋକ ସଭା ଆସନରେ କିନ୍ତୁ ଭାଜପା ବିଫଳ ହୋଇଛି। ଏଠାରେ ୬ଟି ବିଧାନସଭା ଆସନ ରାୟଗଡ଼ା, ବିଷମକଟକ, ଗୁଣପୁର, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ଓ ଜୟପୁର ଆସନରୁ କଂଗ୍ରେସ ବିଜୟୀ ହୋଇଥିବା ବେଳେ କେବଳ ଗୋଟିଏ କୋରାପୁଟ ବିଧାନସଭା ଆସନ ଭାଜପା ଦଖଲ କରିବାରେ ସକ୍ଷମ ହୋଇପାରିଛି। ଅନ୍ୟପଟେ ବିଜେଡିକୁ ଜିଲାରେ ମାଟି କାମୁଡ଼ିବାକୁ ପଡ଼ିଛି । ନିର୍ବାଚନ ଆୟୋଗ ପକ୍ଷରୁ ମିଳିଥିବା ଭୋଟ ଗଣତି ରାଉଣ୍ଡ ରିପୋର୍ଟ ଆଧାରରେ ଭୋଟରଙ୍କ ପ୍ରଥମ ପସନ୍ଦ ପାଲଟିଛି କଂଗ୍ରେସ ଦଳ। ଏକଦା କଂଗ୍ରେସ ଗଡ଼କୁ ଭାଙ୍ଗି ବିଜେଡି ଦଖଲ କରିଥିବା ଜିଲାର ୩ ଆସନ ରାୟଗଡ଼ା, ବିଷମକଟକ ଓ ଗୁଣପୁରକୁ କଂଗ୍ରେସ ଦଖଲ କରିବା ସହ ବିପୁଳ ଜନସମର୍ଥନ ପାଇ ବିଜେଡି ଓ ଭାଜପାକୁ ଧରାଶାୟୀ କରିଛି । ତେବେ ରାୟଗଡ଼ା ବିଧାନସଭା ଆସନରେ ଭୋଟର ୨୦୧୯ ନିର୍ବାଚନଠାରୁ ବିଜେଡିକୁ ଏକ ପ୍ରକାର ପ୍ରତ୍ୟାଖ୍ୟାନ କରିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ୨୦୧୯ ଓ ୨୦୨୪ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ପ୍ରମାଣିତ ହୋଇଛି । ୨୦୧୯ରେ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲିଙ୍କୁ ଲୋକେ ପସନ୍ଦକରି ବିଜୟୀ କରିଥିବା ବେଳେ ଚଳିତ ଥର ସମସ୍ତଙ୍କୁ ପଛରେ ପକାଇ କଂଗ୍ରେସ ପ୍ରାର୍ଥୀ ଆପାଲସ୍ୱାମୀ କାଡ୍ରାକାଙ୍କୁ ବିପୁଳ ସମର୍ଥନ ଦେଇଛନ୍ତି ଭୋଟର। ରାୟଗଡ଼ା ଆସନରେ ଆପାଲସ୍ୱାମୀ ୨୯,୧୮୬ ଭୋଟରେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅନସୂୟା ମାଝିଙ୍କୁ ପରାସ୍ତ କରିଛନ୍ତି।

କାଶୀପୁର ବ୍ଲକ୍‌ର ଝିଅ ହୋଇଥିବାରୁ ନିଜ ଗଡ଼ ବୋଲି କହୁଥିବା ଅନସୂୟା ୨୮,୧୫୪ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ଆପାଲସ୍ୱାମୀ ୩୯,୦୮୧ ଖଣ୍ଡ ଭୋଟ ପାଇଁ ୧୦୯୨୭ ଭୋଟରେ ଆଗୁଆ ରହିଥିଲେ। ସେହିପରି କାଶୀପୁର ପଞ୍ଚାୟତ ସମିତି ବିଜେଡି ଦଖଲରେ ରହିଥିଲେ ମଧ୍ୟ କଂଗ୍ରେସର ରଣନୀତି ଆଗରେ ଫେଲ୍ ମାରିଥିଲା ବିଜେଡିର ଶାସକ ବଳ। ସେହିଭଳି ରାୟଗଡ଼ା ପଞ୍ଚାୟତ ସମିତି ମଧ୍ୟ ବିଜେଡି ଦଖଲରେ ରହିଥିବା ବେଳେ ଏଠାରେ ମଧ୍ୟ କଂଗ୍ରେସକୁ ୩୬,୯୩୯ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିକୁ ୧୮,୩୮୬ ଖଣ୍ଡ ଭୋଟ ମିଳିଛି। ତେବେ ପ୍ରତ୍ୟେକ ନିର୍ବାଚନରେ ବିଜେଡି ରାୟଗଡ଼ା ପୌର ପରିଷଦକୁ ନିଜ ଦଖଲରେ ରଖୁଥିଲେ ମଧ୍ୟ ଚଳିତ ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଦେଇଛନ୍ତି ପୌରାଞ୍ଚଳର ଭୋଟର। ଏଠାରେ ବିଜେଡି ପ୍ରାର୍ଥୀ ୧୧,୫୦୮ ଖଣ୍ଡ ଭୋଟ ଏବଂ କଂଗ୍ରେସ ପ୍ରାର୍ଥୀ ୧୧,୩୭୭ ଖଣ୍ଡ ଭୋଟ ପାଇଛନ୍ତ। ବିଜେଡି ମାତ୍ର ୧୩୧ ଖଣ୍ଡ ଭୋଟରେ ଆଗୁଆ ରହିଛି; ଯାହାକି ପୌରାଞ୍ଚଳରେ ମଧ୍ୟ ଲୋକେ ବିଜେଡି ପ୍ରାର୍ଥୀଙ୍କୁ ଏକ ପ୍ରକାର ପ୍ରତ୍ୟାଖ୍ୟାନ କରିଥିବା ନେଇ କର୍ମୀ ମହଲରେ ଆଲୋଚନା ଚାଲିଛି।

ପ୍ରକାଶ ଥାଉକି, କଂଗ୍ରେସ ପ୍ରାର୍ଥୀ ଆପାଲସ୍ୱାମୀ ୨୦୨୨ ପୌର ନିର୍ବାଚନରେ ପୌରାଧ୍ୟକ୍ଷ ପଦରେ ପ୍ରତିଦ୍ୱନ୍ଦ୍ୱିତାକରି ୮୦୦୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଚଳିତ ନିର୍ବାଚନରେ ପୌରାଞ୍ଚଳରେ ଆପାଲସ୍ୱାମୀଙ୍କୁ ବିପୁଳ ସମର୍ଥନ ମିଳିଛି । ତେବେ ଭାଜପା ସେଭଳି ଭଲ ପ୍ରଦର୍ଶନ କରିପାରିନାହିଁ। କାଶୀପୁର ବ୍ଲକ୍‌ରୁ ମାତ୍ର ୬୭୧୨, ରାୟଗଡ଼ା ବ୍ଲକ୍‌ରୁ ୯୪୯୫ ଏବଂ ରାୟଗଡ଼ା ପୌରାଞ୍ଚଳରୁ ୮୧୭୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛି। ଆଗାମୀ ଦିନରେ ରାୟଗଡ଼ା ପୌର ପରିଷଦ ସମେତ ରାୟଗଡ଼ା ଓ କାଶୀପୁର ବ୍ଲକ୍ ପଞ୍ଚାୟତ ସମିତିକୁ ମଧ୍ୟ କଂଗ୍ରେସ ଦଖଲକରିବା ନେଇ ରାଜନୀତି ସମୀକ୍ଷକମାନେ ଆକଳନ କରିଛନ୍ତି।

